Phone No.: 06756 253091
Email id: ulbnac.banpur@gmail.com

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ବାଣପୁର

OFFICE OF THE NOTIFIED AREA COUNCIL, BANPUR
H. & U.D.DEPARTMENT, GOVT. OF ODISHA, BANPUR-752031

ଜଳ ସାଥି ନିଯୁକ୍ତି ନିମନ୍ତେ ଇଚ୍ଛୁକ ପାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ ।

ପତ୍ର ସଂ ୧୨୦୨ ତା ୧୪.୧୦.୨୦୨୬/

ରାଜ୍ୟ ସରକାରଙ୍କ ୫ଟି ମିଶନ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ସ୍ୱଚ୍ଛ ପାଣି ପାଇପ ଜରିଆରେ ଯୋଗାଣ କରାଯାଉ ଅଛି । ଏଥି ନିମନ୍ତେ Junior Engineer , PH Section , Banpur ଙ୍କ ପତ୍ର ସଂଖ୍ୟା -୨୦୮/ତା ୧୨.୦୬.୨୦୨୬ ଅନୁଯାୟୀ ବାଣପୁର ବିଜ୍ଞାପିତ ଅଞ୍ଚଳ ଅପରିଷଦରେ ଏକ (୧) ଗୋଟି ଜଳ ସାଥୀଙ୍କୁ ନିଯୁକ୍ତି ନିମନ୍ତେ ଇଚ୍ଛୁକ ପାର୍ଥୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ନିଯୁକ୍ତ ଜଳ ସାଥି ପ୍ରତ୍ୟକ ଘରକୁ ଘର ଯାଇ ଜଳ କର ଆଦାୟ କରିବା ସହିତ ଯୋଗାଇଦିଆଯାଉଥିବା ଜଳର ଗୁଣବତା ବିଷୟରେ ଜନସାଧାରଙ୍କୁ ସଚେତନତା ସୃଷ୍ଟି କରିବେ ।

ଯୋଗ୍ୟତା :-

୧. ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ /ଏ .ଏଲ .ଏଫ ର ସଦସ୍ୟ ହୋଇଥିବେ ।
୨. ସ୍ୱୟଂ ସହାୟକ ଗୋଷ୍ଠୀର ସର୍ବନିମ୍ନ ୨ ବର୍ଷରୁ ଅଧିକ ସଦସ୍ୟତା ଗ୍ରହଣ ରଖିଥିବେ ।
୩. ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଚସୂତ୍ରର କଠୋର ଅନୁପାଳନ କରିଥିବେ । (ନିୟମିତ ବୈଠକ , ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର , ନିୟମିତ ପରିଶୋଦ୍ଧ, ନିୟମିତ ହିସାବ ବା ରେକର୍ଡ ରଖିବା) ଇତ୍ୟାଦି ।
୪. ଅପରାଧ ମାମଲାରେ ସମ୍ପୃକ୍ତ ନଥିବେ, ରାଜନୈତିକ ସମ୍ପୃକ୍ତି ଓ କୌଣସି ସରକାରୀ କାର୍ଯ୍ୟରେ ନିୟୋଜିତ ନଥିବାର ଶପଥ ପାଠ ଦାଖଲ କରିବେ ।
୫. ୧୮ ବର୍ଷରୁ ଉର୍ଦ୍ଧ ଓ ୪୫ ବର୍ଷରୁ କମ ବୟସ ହୋଇଥିବା ଆବଶ୍ୟକ ।
୬. ୧୦ମ ଶ୍ରେଣୀ ପାସ କରିଥିବା ଆବଶ୍ୟକ ଓ ଦରଖାସ୍ତ ସହିତ ସାର୍ଟିଫିକେଟ ସଂଲଗ୍ନ କରିବା ଆବଶ୍ୟକ ।
୭. Bank Account ନିଜ ନାମରେ ଥିବା ଆବଶ୍ୟକ ।
୮. SMART PHONE ବ୍ୟବହାର କରୁଥିବା ଆବଶ୍ୟକ ।
୯. ସ୍ୱୟଂ ସହାୟକ ଗୋଷ୍ଠୀର PAN କାର୍ଡ ଥିବା ଆବଶ୍ୟକ

ମାସିକ ପ୍ରୋତ୍ସାହନରାଶି:-

୧. ପ୍ରତ୍ୟକ ଘରୋଇ ନୂଆ ପାଣି କନେକ୍ସନ ପାଇଁ ୧ଶତ ଟଙ୍କା ଏବଂ ପ୍ରତ୍ୟକ ବ୍ୟବସାୟିକ ଅନୁଷ୍ଠାନ କୁ ନୂଆ ପାଣି କନେକ୍ସନ ପାଇଁ ୨୦୦ ଟଙ୍କା ପାରିଶ୍ରମିକ ମଳିବ ।
୨. ପ୍ରତ୍ୟକ ମାସର ଜଳକର ସଂଗ୍ରହର ୭.୫ ପ୍ରତିଶତ ମିଳିବ ।
୩. ୧ ଟି ଜଳର ଗୁଣବତା ନିର୍ଦ୍ଧାରଣ ପାଇଁ ୧୦ ଟଙ୍କା ।
୪. ମାସିକ ସର୍ବନିମ୍ନ ୨୦୦ ପରିବାର ପରିଦର୍ଶନ କରିଥିଲେ । ମାସିକ ସର୍ବନିମ୍ନ ୧୦୦ ଟି ଜଲ୍ ନିର୍ଦ୍ଧାରଣ ପରୀକ୍ଷା କରାଇଥିବେ , ଏବଂ ଯଦି ମାସିକ ଜଳ କର ଓ ଜଳ ନିର୍ଦ୍ଧାରଣ ପରୀକ୍ଷା ରୁ ମିଳିଥିବା ଅର୍ଥ ୩୦୦୦ ଟଙ୍କାରୁ ଉର୍ଦ୍ଧ ଥାଏ ତେବେ ନିଯୁକ୍ତି ପାଇବାର ପ୍ରଥମ ତିନିମାସ ପାଇଁ ଆଦାୟ କରିଥିବା ସମସ୍ତ ଅର୍ଥ ଦିଆଯିବ ।
୫. ପୁନଃ ନିର୍ଦ୍ଧାରଣ ହେଉଥିବା ଅର୍ଥ ରାଶିର ଅନ୍ତର ୫୦ ପ୍ରତିଶତ ପୁନଃ ନିର୍ଦ୍ଧାରଣ ପରେ ଥରେ ମାତ୍ର ମିଳିବ ।

ଇଚ୍ଛୁକ ପାର୍ଥୀମାନେ ସାଧା କାଗଜରେ ନିଜର ସବିଶେଷ ବିବରଣୀ , ଫୋଟୋ ସହିତ ସମସ୍ତ ସାର୍ଟିଫିକେଟ ତା ୨୬.୧୦.୨୦୨୬ ରିଖ ମଧ୍ୟରେ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସକାଳ ୧୦.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ଦାଖଲ କରିପାରିବେ । ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

14-10-26

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

Scanned with OKEN Scanner

ପରି ପତ୍ର ସଂଖ୍ୟା ୧୦୦୭, ତାରିଖ ୧୪-୧୦-୨୦୨୬

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଗୋଚରାର୍ଥେ ପରିଷଦ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ରେ ଲଟକା ଜାରି କରାଗଲା ।

14-10-26

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

ପରି ପତ୍ର ସଂଖ୍ୟା ୧୦୦୮, ତାରିଖ ୧୪-୧୦-୨୦୨୬

ଏନ . ଆଇ . ସି (NIC) ଖୋର୍ଦ୍ଧା ଙ୍କ ସଦୟ ଅବଗତି ଓ କାର୍ଯ୍ୟାଳୟ website www.banpurnac.in ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

14-10-26

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

ପରି ପତ୍ର ସଂଖ୍ୟା ୧୦୦୯, ତାରିଖ ୧୪-୧୦-୨୦୨୬.

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବାଣପୁର / ତହସିଲଦାର, ବାଣପୁର / ଉପ-କୋଷାଗାର, ବାଣପୁର ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ରେ ଲଟକା ଜାରି ନିମନ୍ତେ ପ୍ରେରଣ କରାଗଲା ।

14-10-26

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଣପୁର

Scanned with OKEN Scanner